ଏପିସୋଡ ୧୨

## ସବୁଜ ପୃଥିବୀ ଚାହୁଁ ସବୁଜକୋଠରୀ ନୁହେଁ

ମୂଳ ରଚନା: ସୁକନ୍ୟା ଦତ୍ତ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

ଅର୍ଣ୍ଣବ	୬ଷ୍ଠ ଶ୍ରେଣୀ ଛାତ୍ର

ଆକାଶ	୬ଷ୍ଠ ଶ୍ରେଣୀ ଛାତ୍ର

ରବି	ଅର୍ଣ୍ଣବର ବାପା

ତାରା	ଅର୍ଣ୍ଣବର ମା

ଜେଜେ	ଅର୍ଣ୍ଣବର ଜେଜେ

ଜେଜୀ	ଅର୍ଣ୍ଣବର ଜେଜେମା

(ସ୍କୁଲ ଛୁଟି ଘଣ୍ଟି ବାଜୁଛି। ପିଲାମାନେ ବାହାରକୁ ଆସୁଛନ୍ତି, ରିକ୍ସା ଆଉ ସାଇକେଲ ଘଣ୍ଟି, ଗାଡ଼ି ହର୍ଣ୍ଣ)

ଅର୍ଣ୍ଣବ: (ଖୁସିରେ) ଜାଣିଛୁ ଆକାଶ, ଛୁଟିରେ ଆମେ ଜେଜେଙ୍କ ଫାର୍ମ ଯିବୁ। ତୁ କୁଆଡ଼େ ଯିବୁ?

ଆକାଶ: ଆମର ନୂଆ ଗାଡ଼ି କିଣା ହୋଇଛି, ବାପା ଆମକୁ କୁଆଡ଼େ ନେବେ। ସମୁଦ୍ର କୂଳରେ ହୋଟେଲ ବି ବୁକ୍ କରି ରଖିଛନ୍ତି। ସମୁଦ୍ର କୂଳରେ ମଜା ହେବ।

ଅର୍ଣ୍ଣବ:	(ଦୁଃଖିତ ହୋଇ) ମୁଁ କେବେ ବି ସମୁଦ୍ର ଦେଖିନି।

ଆକାଶ:	ଆଉ ମୁଁ କେବେ ଫାର୍ମ ଦେଖିନି। (ଦୁହେଁ ହସୁଛନ୍ତି)

ଦୃଶ୍ୟ ପରିବର୍ତ୍ତନ

(ରେଳ ଷ୍ଟେସନ, ଯିବାଆସିବା ଶବ୍ଦ, ବିକାଳୀଙ୍କ ଶବ୍ଦ)

ଘୋଷକ: ଯାତ୍ରୀଗଣ ଦୟାକରୀ ଧ୍ୟାନ ଦିଅନ୍ତୁ। ହିମାଳୟ କନ୍ୟା ଏକ୍ସପ୍ରେସ ଏକ ନମ୍ବର ପ୍ଲାଟଫର୍ମରୁ ଛାଡ଼ିବ।

(ଟ୍ରେନ ଚାଲିବାର ଶବ୍ଦ)

ତାରା:	ଅର୍ଣ୍ଣବ, ଏବେ ଧୀରସ୍ଥିର ହୋଇ ଗୋଟିଏ ଜାଗାରେ ବସ।

ଅର୍ଣ୍ଣବ:	ମା, ମୁଁ ଝରକା ପାଖରେ ବସିବି। ସେଠୁ ସେ ବ୍ୟାଗ କାଢ଼ିନିଅ।

ତାରା:	ସେଥିରେ ଖାଇବା ଅଛି, ତଳେ ତ ରଖିପାରିବିନାହିଁ।

ସୂର୍ଯ୍ୟ:	ରୁହ, ମୁଁ ତାକୁ ଏଠି ଉପରେ ରଖିଦେଉଛି। ଆ ଅର୍ଣ୍ଣବ, ଏଠି ବସ, ଝରକା ପାଖରେ ବସ ଆଉ ବାହାରର ଦୃଶ୍ୟ ଭଲ ଭାବରେ ଦେଖ। କିନ୍ତୁ ମନେରଖ, ଯାହା ଦେଖିବୁ, ମୁଁ ତତେ ସେସବୁ ପଚାରିବି। (ସମସ୍ତେ ହସୁଛନ୍ତି)

ଅର୍ଣ୍ଣବ:	ବାପା। ସେଠି ସେ ଉଚ୍ଚା ଉଚ୍ଚା ଚିମନୀ ଭଳି କ'ଣ ଅଛି? ସେଥିରୁ ତ ବହୁତ ଧୂଆଁ ବାହାରୁଛି। ଓହୋ , ଜଲ୍‌ଦି କୁହ, ଏଇ ଦେଖ ସେ ତ ଚାଲିଗଲା। ଆରେ ଦେଖ ଦେଖ ଆଉ ଗୋଟେ, ପୁଣି ଗୋଟେ, କିନ୍ତୁ ଏଇଟା ଟିକେ ଅଲଗା। (ଆଶ୍ଚର୍ଯ୍ୟ ହୋଇ) ବାପା, ସେ କ'ଣ କିଛି  କାରଖାନା?

ସୂର୍ଯ୍ୟ:	ତୁ ଯାହା ପ୍ରଥମେ ଦେଖିଲୁ ସେସବୁ ଇଟା ଭାଟି ଥିଲା। ଆଉ ଏ ଯୋଉ ବଡ଼ ଆଉ ଅଲଗା ଦେଖାଯାଉଛି ସେ ହେଉଛି ପାୱାର ପ୍ଲାଣ୍ଟ। ଦିଲ୍ଲୀ ସୀମାରେ ଅଛୁ ବୋଲି ତତେ ଆହୁରି ବି ପାୱାର ପ୍ଲାଣ୍ଟ ଦେଖାଯିବ।

ଅର୍ଣ୍ଣବ: ପାୱାର ପ୍ଲାଣ୍ଟ? ତା ମାନେ ସେଥିରେ ପାୱାର ବା ଶକ୍ତି ତିଆରି ହୁଏ? ବିଜୁଳି ତିଆରି ହୁଏ...

ତାରା: ହଁ ପୁଅ। ବହୁତ କୋଇଲା ଜାଳି ପାଣି ଫୁଟାଯାଏ, ସେଥିରୁ ବାହାରୁଥିବା ବାମ୍ପ ଉଚ୍ଚ ଚାପ ଦେଇ ଯାଇ ଟରବାଇନକୁ ଘୂରାଏ। ଆଉ ଏଇ ଘୂରନ୍ତା ଟରବାଇନ ଚୁମ୍ବକୀୟ କ୍ଷେତ୍ରରୁ ବିଜୁଳି ଉତ୍ପାଦନ କରେ। ଏହି ବିଜୁଳି ତାର ମାଧ୍ୟମ ଦେଇ ଆମ ଘରେ ପହଞ୍ଚେ।

ଅର୍ଣ୍ଣବ: (ଉତ୍ତେଜିତ ହୋଇ) କିନ୍ତୁ ତମେ ଏତେ ଧୂଆଁ ଆଉ ପାଉଁଶ ଗଦା ତ ଦେଖିଲ। ଏସବୁ କ'ଣ ପ୍ରଦୂଷଣ ନୁହେଁ?

ସୂର୍ଯ୍ୟ: ଆଉ ହଁ, ଅନେକ ଗୁଡ଼ିଏ ଇଟାଭାଟି ବି ତୋ ନଜରକୁ ଆସିବ। ସହର ବଢୁଛି, ଦିନକୁ ଦିନ ଅଧିକ ଅଧିକ ଲୋକ ସହରକୁ ଆସୁଛନ୍ତି। ସମସ୍ତଙ୍କୁ ରହିବା ପାଇଁ ଘର ଦରକାର, ଘର ଇଟାରେ ତିଆରି ହୁଏ, ସେଥିପାଇଁ ସେସବୁର ଚାହିଦା ବଢୁଛି। ତା ସହିତ ସିମେଣ୍ଟ ଆଉ ଲୁହାର ବି।

ଅର୍ଣ୍ଣବ: ଏବେ ଯାଏଁ ମୁଁ ଗଣିଛି ୨୨ଟା ଇଟାଭାଟି ଆଉ ଚାରିଟା ପାୱାର ପ୍ଲାଣ୍ଟ। ଏସବୁରୁ ବାହାରୁଥିବା ପ୍ରଚୁର ଧୂଆଁ ପ୍ରଦୂଷଣ କରୁଛି।

ତାରା: ଭଲ କଥା ଦେଖୁଛୁ। ହଉ, ଏବେ ତୋ ନିଜ ବ୍ୟାଗ ସମ୍ଭାଳେ। ଆମକୁ ଆଗ ଷ୍ଟେସନରେ ଓହ୍ଲାଇବାକୁ ହେବ।

(ଟ୍ରେନ ଧୀର ହେବା ଏବଂ ଶେଷରେ ପ୍ଲାଟଫର୍ମରେ ଆସି ରହୁଛି)

ତାରା: ସବୁ ଠିକ ଅଛି? ଡ୍ରାଇଭର, ଚାଲ।

ଅର୍ଣ୍ଣବ: ଡ୍ରାଇଭର ମଉସା। ଆପଣଙ୍କ ଗାଡ଼ିରୁ କେତେ ଧୂଆଁ ବାହାରୁଛି। ଏହାର ପରୀକ୍ଷା କରିନେବା ଦରକାର। ଜାଣିଛ, ଏଥିରେ କେତେ ପ୍ରଦୂଷଣ ହେଉଛି।

ସୂର୍ଯ୍ୟ: (ଅଟକାଇ ଦେଇ) ଅର୍ଣ୍ଣବ, ତାଙ୍କୁ ଗାଡ଼ି ଚଲେଇବାକୁ ଦେ। (ଗାଡି

ଚାଲିବାର ଶବ୍ଦ)

ତାରା: ମୋର ମନେଅଛି, ପିଲାଦିନେ ଦେଖିଛି ଏ ଅଞ୍ଚଳ କେତେ ଘନ ସବୁଜ ଥିଲା। ଗତଥର ଆମେ ଯେତେବେଳେ ଆସିଥିଲେ, ସେତେବେଳେ ବି ବହୁତ ଗଛପତ୍ର ଥିଲା। ଓହୋ, କେତେ ଜଙ୍ଗଲ କଟା ହେଉଛି!! ହେଇ ଦେଖ, ଜଙ୍ଗଲ ନଷ୍ଟ କରି ସେଠି ଗୋଟିଏ କାରଖାନା ବସାଯାଉଛି। ଖୁବ ଶୀଘ୍ର ସେ ବି ଧୂଆଁ ଛାଡ଼ି ଛାଡ଼ ଆହୁରି ପ୍ରଦୂଷଣ କରିବ।

ଅର୍ଣ୍ଣବ: ଆମକୁ ସ୍କୁଲରେ କୁହାଯାଇଛି - ଗଛଲତା ଅଙ୍ଗାରକାମ୍ଳ ଶୋଷି ନିଏ। ଆଲୋକ ଶ୍ଲେଷଣ ସମୟରେ ସୂର୍ଯ୍ୟ କିରଣ ସାହାଯ୍ୟରେ ଖାଦ୍ୟ ତିଆରି କରେ ଏବଂ ଏହି ପ୍ରକ୍ରିୟାରେ ଅମ୍ଳଜାନ ବାହାରେ। ପୃଥିବୀକୁ ଥଣ୍ଡା ଆଉ ସବୁଜ ରଖିବା ପାଇଁ ଆମର ବହୁତ ଗଛ ଦରକାର। କିନ୍ତୁ ସମସ୍ତେ ଗଛ କାଟିବାରେ ବ୍ୟସ୍ତ। ଏମିତି କାଟି ଚାଲିଲେ ଦିନ ଆସିବ ଆଉ ଗଛ ନ ଥିବ।

ତାରା: ଯାହାହେଉ, ମୁଁ ଖୁସି ଯେ ତୁ ସ୍କୁଲରେ ମନ ଦେଇ ଶୁଣୁଛୁ।

ଅର୍ଣ୍ଣବ: ମା!

ତାରା: ଆରେ ତତେ ଚିଡ଼ଉଥିଲି। କିନ୍ତୁ ତୁ ଜାଣିରଖିବା ଉଚିତ ଯେ ଜଙ୍ଗଲ, ସବୁଜ କ୍ଷେତ, ସମୁଦ୍ର, ମାଟି, ଆଲୋକ ଶ୍ଲେଷଣ କରୁଥିବା ଗଛଲତା, ଏ ସମସ୍ତେ ହେଉଛନ୍ତି ଅଙ୍ଗାର ସିଙ୍କ୍ ଭଳି କାମ କରନ୍ତି। କାରଣ ବାୟୁମଣ୍ଡଳରୁ ଅଙ୍ଗାର ଅଲଗା କରି ତାକୁ ଜୈବଭାର ବା ବାୟୋମାସ୍‌ରେ ପରିଣତ କରେ।

ସୂର୍ଯ୍ୟ: ବାସ୍ତବରେ ଅର୍ଣ୍ଣବ, ସମସ୍ୟା ସେତେବେଳେସୃଷ୍ଟି ହୁଏ ଯେତେବେଳେ ଆମ କ୍ରିୟାକଳାପ ଯୋଗୁ ପ୍ରଚୁର ମାତ୍ରାରେ ଅଙ୍ଗାରକାମ୍ଳ ଉତ୍ସର୍ଜିତ ହୁଏ। ତାକୁ ଅବଶୋଷିତ କରିବା ପାଇଁ ସେତିକି ଗଛ ନ ଥାଏ। ଅନେକ ସଂଖ୍ୟାରେ ଗଛ ଏକାଠି ଥିଲେ ଗୋଟିଏ ବଡ଼ ଅଙ୍ଗାର ସିଙ୍କ ଭଳି କାମ କରେ। ହିସାବ କରି

ଦେଖାଯାଇଛି ଯେ ଏସିଆରେ ଏକ ଏକର ଜଙ୍ଗଲ ପ୍ରତି ବର୍ଷ ପ୍ରାୟ ପାଞ୍ଚ ଟନ୍ ଅଙ୍ଗାରକାମ୍ଳ ଶୋଷି ନିଏ। ଜଙ୍ଗଲ ତ ସବୁବେଳେ ଅଙ୍ଗାର ସିଙ୍କ୍ ଭଳି କାମ କରେ। ସାରା ଦୁନିଆର ମଣିଷକୃତ କାମ ଦ୍ୱାରା ଉତ୍ସର୍ଜିତ ଅଙ୍ଗାରକାମ୍ଳର ପ୍ରାୟ ଏକ ଚତୁର୍ଥାଂଶ ଜଙ୍ଗଲ ହିଁ ଶୋଷିନିଏ।

ତାରା: ଘାସ ପଡ଼ିଆ ଆଉ ସମୁଦ୍ର ବି ଅଙ୍ଗାର ସିଙ୍କ୍ ଭଳି କାମ କରେ।

ଅର୍ଣ୍ଣବ: ତା ମାନେ ବାୟୁମଣ୍ଡଳରୁ ଅଙ୍ଗାର ଶୋଷିଲାବାଲା କିଛି ବି ପ୍ରଣାଳୀ ଅଙ୍ଗାର ସିଙ୍କ୍?

ତାରା: ହଁ।

ଅର୍ଣ୍ଣବ: (ଖୁସିରେ) ହେଇ ସେଠି ପୋଖରୀ, ଆରେ ଆମେ ପହଞ୍ଚିଗଲେ।

ତାରା: ଡ୍ରାଇଭର ଭାଇ, ଏଇଠି ବାଁ ପଟକୁ ବୁଲିଯାଆନ୍ତୁ। ଏଇ ଗେଟ୍ ଭିତରେ ପଶନ୍ତୁ। ହଁ, ଆମେ ପହଞ୍ଚିଗଲେ। (କାର୍ ଅଟକିବାର ଶବ୍ଦ)

ଜେଜେ: ଆରେ ଆସ ଆସ। ଅର୍ଣ୍ଣବ। ଆ ଆ। ଆଗ ଟିକେ ଜେଜେ କୋଳକୁ ଆ। ପୂରା ଦୁଇ ବର୍ଷ ପରେ ତତେ ଦେଖୁଛି। ଆରେ କେତେ ଡେଙ୍ଗା ହୋଇ ଗଲୁଣି।

ଅର୍ଣ୍ଣବ: ହଁ ଜେଜେ। ମୋର ବି ତମ କଥା ବହୁତ ମନେ ପଡୁଥିଲା। ଜେଜୀ କାହାନ୍ତି?

ଜେଜେ: ସେ ସବୁଜକୋଠରୀ ଭିତରୁ ତମ ପାଇଁ ତାଜା ପରିବା ଆଣିବାକୁ ଯାଇଛନ୍ତି।

ଅର୍ଣ୍ଣବ: କିନ୍ତୁ ଜେଜେ, ମତେ ଏଠି କିଛି ସବୁଜ ଘର ଦେଖାଯାଉନାହିଁ। ସବୁ ଘରେ ତ ଧଳା ଚୂନ ଲାଗିଛି।

ତାରା: (ହସି ହସି) ସବୁଜକୋଠରୀ ରଙ୍ଗ ସବୁଜ ନୁହେଁ। କାଚରେ ତିଆରି

ହୋଇଥାଏ। ତା'ର କାନ୍ଥ ଆଉ ଛାତ ବି କାଚରେ ତିଆରି। କାଚ ସୂର୍ଯ୍ୟ କିରଣକୁ ଭିତରକୁ ତ ଯିବାକୁ ଦିଏ, କିନ୍ତୁ ତାପ ଭିତରେ ହିଁ ରହିଯାଏ। ସେଥିପାଇଁ ସବୁଜକୋଠରୀ ଭିତର ବହୁତ ଗରମ ରହେ। ଶୀତଦିନେ ବି ତାପ ଭିତରେ ରହୁଥିବାରୁ ତା ଭିତର ଗରମ ରହେ।

ଜେଜେ: ଏହିଭଳି ସବୁଜକୋଠରୀ ଆମକୁ ଫୁଲ ପରିବା ସବୁ ଦେଇଥାଏ। ନହେଲେ ବାହାରେ ଯେଉଁ ଥଣ୍ଡା ଏଥିରେ ତ କିଛି ବି ଫସଲ ହେବନାହିଁ।

ସୂର୍ଯ୍ୟ: ଏଠି ତ ବହୁତ ଥଣ୍ଡା। ଭୁବନେଶ୍ୱରରୁ ଆସିବା ବେଳେ ସେଠିତ ଗରମ ହେଉଥିଲା। ଅବଶ୍ୟ ଭୁବନେଶ୍ୱର ସହର ଅଞ୍ଚଳ। ଗାଡ଼ି ମଟର ଅନେକ, କୋଠାବାଡ଼ି, କଳକାରଖାନା ବି ବହୁତ। ଏସବୁ କୌଣସି ନା କୌଣସି ରୂପରେ ଅଙ୍ଗାର ଛାଡ଼ିଥାନ୍ତି।

ତାରା: କିନ୍ତୁ ମୋର ମନେଅଛି। ଅକ୍ଟୋବରରେ ଏଠି ବହୁତ ଥଣ୍ଡା ହେଉଥିଲା। ଏବେ ତ ପୂରା ପୃଥିବୀ ଗୋଟିଏ ସବୁଜକୋଠରୀ ଭଳି ହୋଇଗଲାଣି।

ସୂର୍ଯ୍ୟ: (ଦୁଃଖିତ ହୋଇ) ତୁମେ ଠିକ କହିଛ। ଆମେ ବାସ୍ତବରେ ଗୋଟିଏ ଅତି ଭୟଙ୍କର ପରିସ୍ଥିତି ଆଡ଼କୁ ମୁହାଁଉଛେ।

ଅର୍ଣ୍ଣବ: ପୃଥିବୀ ସବୁଜକୋଠରୀ... କାରଣ ଏହାର ମାଟିରେ ଆମେ ପରିବା ଚାଷ କରେ। ଏଥିରେ ଅସୁବିଧା କ'ଣ ଯେ ଏହାକୁ ଅଟକାଇବା ଦରକାର?

ଜେଜେ: ଓହୋ ଅର୍ଣ୍ଣବ, ପୃଥିବୀ ସବୁଜକୋଠରୀ ଭଳି ହେବା ମୋଟେ ଭଲ କଥା ନୁହେଁ। ହଉ ଛାଡ଼। ଏକଥା ତୁ ବଡ଼ ହେଲେ ବୁଝିବୁ।

ସୂର୍ଯ୍ୟ: ସେତେବେଳେକୁ ବୋଧହୁଏ ବହୁତ ଡେରି ହୋଇଯିବ। ଦେଖ ଅର୍ଣ୍ଣବ, ତୁ ଯେତେବେଳେ ପ୍ରଶ୍ନ ଉଠାଇଛୁ, ସରଳ ଭାଷାରେ ମୁଁ ଏହାର ଉତ୍ତର ଦେଉଛି। ସୂର୍ଯ୍ୟର ଶକ୍ତି ଯେତେବେଳେ ପୃଥିବୀର ବାୟୁମଣ୍ଡଳରେ ପହଞ୍ଚେ, କିଛି ଅଂଶ

ମହାଶୂନ୍ୟକୁ ପ୍ରତିଫଳିତ ହୋଇଯାଏ, ସେଥିପାଇଁ ପୃଥିବୀ ଅତି ମାତ୍ରାରେ ଗରମ ହୁଏନାହିଁ।

ଅର୍ଣ୍ଣବ: ବଳକା ତାପ କ'ଣ ହୁଏ?

ଜେଜେ: ସବୁଜକୋଠରୀ ବାଷ୍ପ କିଛି ତାପ ଶୋଷି ରଖିନିଏ। ବଳକା ପ୍ରତିଫଳିତ ହୁଏ। ଯେତିକି ଶୋଷି ରଖାଯାଏ ପୃଥିବୀକୁ ଆରାମଦାୟକ ଉଷ୍ଣତା ଦେଇଥାଏ।

ସୂର୍ଯ୍ୟ: ତୁ ପଚାରିବା ଆଗରୁ ମୁଁ କହିଦେଉଛି ଯେ ସବୁଜକୋଠରୀ ବାଷ୍ପ ଭିତରେ ଅଛି ଜଳୀୟବାଷ୍ପ, ଅଙ୍ଗାରକାମ୍ଳ ବାଷ୍ପ, ମିଥେନ, ନାଇଟ୍ରସ୍ ଅକ୍ସାଇଡ, ଓଜୋନ ଏବଂ କ୍ଲୋରୋଫ୍ଲୋରୋକାର୍ବନ ଭଳି କିଛି ରସାୟନ। ଏସବୁ ଆଗରୁ ରେଫ୍ରିଜେରେଟର୍‌ରେ ବ୍ୟବହାର ହେଉଥିଲା।

ଅର୍ଣ୍ଣବ: ବୁଝିଲି। ଏସବୁ ବାଷ୍ପ ସୌରଶକ୍ତିକୁ ଅଟକାଇ ରଖନ୍ତି। ପୃଥିବୀକୁ ଉଷ୍ମ କରି ରଖେ। ସେଥିପାଇଁ ଏଇ ପ୍ରଭାବକୁ ସବୁଜକୋଠରୀ ସହ ତୁଳନା କରାଯାଏ। ଠିକ ଅଛି। ତେବେ ଏଥିରେ ଅସୁବିଧା କେଉଁଠି ବାପା?

ସୂର୍ଯ୍ୟ: ସବୁ ଜିନିଷ ବେଶୀ ହେଲେ ଖରାପ। ଏବେ ଦେଖିବା ମଣିଷର କ୍ରିୟାକଳାପ, ବିଶେଷ କରି କୋଇଲା, ତେଲ ଏବଂ ପ୍ରାକୃତିକ ବାଷ୍ପ ଜଳେଇ, ଚାଷ ପାଇଁ ଜଙ୍ଗଲ ନଷ୍ଟ କରି ବାୟୁମଣ୍ଡଳରେ ସବୁଜକୋଠରୀ ବାଷ୍ପର ପରିମାଣ କେତେ ପରିମାଣର ବଢ଼ିଯାଇଛି।

ଅର୍ଣ୍ଣବ: (ପରିସ୍ଥିତି ବୁଝିଲା ଭଳି) ବାପା, ଯଦି ସବୁଜକୋଠରୀ ପ୍ରଭାବ ବଢ଼ି ଚାଲିବ, ତାହେଲେ ତ ଆମ ପୃଥିବୀ ଅତ୍ୟଧିକ ଗରମ ହୋଇଯିବ? ଏ ବିଷୟରେ କେହି କିଛି କାହିଁକି କରୁନାହାନ୍ତି?

ଜେଜୀ: ପିଲାମାନେ ଆସିଗଲ। ମୋର ଟିକେ ଡେରି ହୋଇଗଲା। ତମମାନଙ୍କର ଆସିବା ଶବ୍ଦ ମୁଁ ଶୁଣିଥିଲି। ହାଲିଆ ହୋଇଯାଇଥିବ। ଯାଇ ମୁହଁ ହାତ ଧୋଇ

ନିଅ। ମୁଁ ପାଣି ଗରମ କରି ରଖିଛି। ତାରା, ଅର୍ଣ୍ଣବ ଆଉ ସୂର୍ଯ୍ୟଙ୍କୁ ଘରକୁ ନେଇ ଯା। (ଜୋର ସ୍ୱରରେ) ରାମୁ, ରାମୁ, ଏ ବ୍ୟାଗ ଆଦି ଘରକୁ ନେଇଗଲୁ।

ତାରା: ଆଚ୍ଛା ମା। (ହଠାତ ଅଟକିଯାଇ) ମା, ଏ କ'ଣ? ଆପଣ ଏବେ ବି କାଠ ଆଉ କୋଇଲା ବ୍ୟବହାର କରୁଛନ୍ତି? ଜାଣିଛନ୍ତି ନା ଧୂଆଁ କେତେ କ୍ଷତିକାରକ। ବାୟୁମଣ୍ଡଳ ପାଇଁ ବି ଆଉ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବି।

ଜେଜୀ: କିନ୍ତୁ ଏବେ ଏବେ ଡାଳ କଟା ହୋଇ କେତେ ଜାଳେଣି କାଠ ଜମା ହୋଇ ଯାଇଛି। ପୁଣି ଗୋବର ଅଛି, ଏତେ ଜୈବଭାର ରହିଛି, ଏସବୁ ନଷ୍ଟ କରିବା ବି ତ ଠିକ ନୁହେଁ।

ତାରା: କିନ୍ତୁ ମା ଆପଣ ତ ଜାଣିଛନ୍ତି ଯେ ଜୈବଭାର ଇନ୍ଧନ ଜାଳିବା ଠିକ ନୁହେଁ।

ଜେଜୀ: ଏଭଳି ଦେଖିଲେ ତ ଜୀବାଶ୍ମ ଇନ୍ଧନ ବି ଜାଳିବ ଠିକ ନୁହେଁ। କୋଇଲା ବା ତେଲ ଜାଳିଲେ ଅଙ୍ଗାର ଅମ୍ଳଜାନ ସହ ମିଶି ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି କରେ। ଅନ୍ୟ ଜୀବାଶ୍ମ ଇନ୍ଧନ ତୁଳନାରେ କୋଇଲା ଜାଳିଲେ ଅଧିକ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ।

ସୂର୍ଯ୍ୟ: ଆଜ୍ଞା ଆପଣ ଠିକ କହିଛନ୍ତି। କୋଇଲା ଜଳିଲେ ଟନ୍ ପିଛା ପ୍ରାୟ ଅଢ଼େଇ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ଉତ୍ପନ୍ନ ହୁଏ। ଜୀବାଶ୍ମ ଇନ୍ଧନ ଦ୍ୱାରା ଉତ୍ସର୍ଜିତ ହେଉଥିବା ମୋଟ ଅଙ୍ଗାରକାମ୍ଳର ଶତକଡ଼ା ୪୦ ଭାଗ କେବଳ କୋଇଲା ଜଳିବାରୁ ଆସିଥାଏ। ଗୋଟିଏ ଅଧ୍ୟୟନରୁ ଜଣାଯାଇଛି ଯେ ଯଦି କୋଇଲା ଆଉ ତେଲ ଜଳାଯାଇ ନ ଥାନ୍ତା, ତେବେ ଗତ ୧୫ଟି ସବୁଠାରୁ ଉତ୍ତପ୍ତ ବର୍ଷ ଭିତରୁ ୧୩ଟି ଆମେ ସାମନା କରି ନ ଥାନ୍ତେ। କିନ୍ତୁ ତଥାପି ଆମେ ଘରେ, ରେଳରେ, ପାୱାର ପ୍ଲାଣ୍ଟରେ କୋଇଲା ହିଁ ଜାଳୁଛେ। କ'ଣ କିଛି ଭୁଲ କହିଲି?

ଜେଜୀ: ଏ ତଥ୍ୟ ଆଦି ବିଷୟରେ ପରେ କଥା ହେବ। ଆଗ ହାତମୁହଁ ଧୋଇନିଅ।

ଅର୍ଣ୍ଣବ:  ରୁହ ରୁହ ଜେଜୀ। ଜେଜେ , ତମେ କ'ଣ କହିଲ ଜୀବାଶ୍ମ ଇନ୍ଧନ... ଜୀବାଶ୍ମ ମାନେ ଡାଇନୋସର ଇନ୍ଧନ?

ତାରା:  (ବିରକ୍ତଭରା ହସ) ଏ ପିଲା ପ୍ରଶ୍ନ ପଚାରି ପଚାରି ଜୀବନ ଖାଇଯିବ। ଅର୍ଣ୍ଣବ, କୋଟି କୋଟି ବର୍ଷ ତଳେ ପୋତି ହୋଇ ରହିଥିବା ଜୈବିକ ପଦାର୍ଥରୁ କୋଇଲା, ତେଲ, ପ୍ରାକୃତିକ ବାଷ୍ପ ଭଳି ଜୀବାଶ୍ମ ଇନ୍ଧନ ମିଳିଥାଏ। ଯେଉଁ ଜୀବାଶ୍ମ ଇନ୍ଧନକୁ ଆମେ ଏବେ ବ୍ୟବହାର କରୁଛେ ସେସବୁର ତିଆରି ଡାଇନୋସର ଆସିବାର ବହୁ ଆଗରୁ ଆରମ୍ଭ ହୋଇ ସାରିଥିଲା।

ଅର୍ଣ୍ଣବ:  ମା, ତା ମାନେ କୋଇଲା ଆଉ ତେଲ ତିଆରି ହେବା ପାଇଁ କୋଟି କୋଟି ବର୍ଷ ଲାଗିଯାଏ।

ତାରା:  ହଁ ସେଥିପାଇଁ ଏସବୁକୁ ଅନବୀକରଣୀୟ ବା ନନ୍ ରିନ୍ୟୁଏବ୍ଲ୍ ସମ୍ପଦ କୁହାଯାଏ। ଥରେ ବ୍ୟବହାର ହୋଇଗଲେ ତାକୁ ସାଙ୍ଗେ ସାଙ୍ଗେ ଆଉ ଥରେ ପ୍ରସ୍ତୁତ କରାଯାଇ ପାରିବନାହିଁ। ବିଜୁଳି, ପରିବହନ, ଉଦ୍ୟୋଗ ଆଦିରେ ଜୀବାଶ୍ମ ଇନ୍ଧନ ପ୍ରଚୁର ମାତ୍ରାରେ ବ୍ୟବହାର ହେଉଛି। ଘରେ ବି ବ୍ୟବହାର ହେଉଛି।

ଅର୍ଣ୍ଣବ:  ଓହୋ!! ତାହେଲେ ତ ଆମକୁ ଏହାର କିଛି ବିକଳ୍ପ ଖୋଜିବାକୁ ହେବ। ନହେଲେ କୋଇଲା ଆଉ ତେଲ ସରିଗଲେ କ'ଣ କରିବା? ବିଜୁଳି ନ ଥିବ, କାର୍, ବସ୍, ଉଡ଼ାଜାହାଜ କିଛି ବି ଚାଲିବନି। ମା ଆମକୁ କ'ଣ କରିବାକୁ ହେବ...

ତାରା:  (ଅଧାରୁ ଅଟକାଇ) ତୁ ଆଉ ତୋ ପ୍ରଶ୍ନ, ଆଗ ଯା ମୁହଁ ହାତ ଧୋଇ ନେ। ହାତ ଗୋଡ଼ ମୁହଁ କେତେ ଅସନା ଦେଖାଯାଉଛି। ଘଷିମାଜି ହୋଇ ଗାଧୋଇ ପଡ଼ିବୁ। (ପାଣି ପଡ଼ିବା ଶବ୍ଦ)

ଜେଜେ:  (ଟିକିଏ ଜୋରରେ) ତାରା, ପିଲାଙ୍କୁ ଗାଳି ଦେ ନାହିଁ। (ଅର୍ଣ୍ଣବ ଦୌଡ଼ି ଆସୁଛି, ଚଉକି ଟାଣି ବସିବା ଶବ୍ଦ)

ଅର୍ଣ୍ଣବ:  ଜେଜେ ତାରା କେମିତି ଚମକୁଛି। ଆମେ ଭୁବନେଶ୍ୱରରେ କେତେ ଶେଷଥର ପାଇଁ ଛାତ ଉପରକୁ ଯାଇ ତାରା ଦେଖିଛୁ। ସେଠି ତ ମୁଁ ମୋ କୋଠରୀରେ ବହି ନେଇ ବସିଥାଏ, ବାପା ତାଙ୍କ ଲାପ୍‌ଟପ୍ ସହିତ ତାଙ୍କ କୋଠରୀରେ ଆଉ ମା ଟିଭି ସାମନାରେ।

ଜେଜେ:  ତିନି କୋଠରୀରେ ତିନିଜଣ ଲୋକ। ମୁଁ ଭାବୁଛି ସେଠି ତିନିଟା ଏସି ବି ଲାଗିଥିବ ଯାହା କି ବିଜୁଳି ତ ଖର୍ଚ୍ଚ କରୁଥିବ, ତା ସହିତ ଗରମ ପବନ ବାୟୁମଣ୍ଡଳକୁ ଛାଡୁଥିବ। ଏବେ ଅଙ୍ଗାର ଫୁଟପ୍ରିଣ୍ଟ ଏତେ ଅଧିକ ହେବାରେ ଆଶ୍ଚର୍ଯ୍ୟ କଥା କ'ଣ/

ଅର୍ଣ୍ଣବ:  ତମ ଅନୁମାନ ଠିକ ଜେଜେ। ସବୁ କୋଠରୀରେ ଏସି। କିନ୍ତୁ ମୋ ଫୁଟପ୍ରିଣ୍ଟ ପାଇଁ ଚିନ୍ତା କରନାହିଁ। ମୁଁ ମୋ ପାଦ ସଫା ରଖେ। ମା ପୂରା ଘଷି ଘଷି ସଫା କରନ୍ତି। (ସମସ୍ତେ ହସୁଛନ୍ତି)

ଜେଜେ:  ବାବୁରେ, ଆମେ ତମ ମଇଳା ପାଦ ନୁହେଁ, ବରଂ ଅଙ୍ଗାର ଫୁଟପ୍ରିଣ୍ଟ କଥା କହୁଛୁ ଯାହାକି ଗୋଟିଏ ଅବଧାରଣା।

ସୂର୍ଯ୍ୟ:  ତା ମାନେ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଭିତରେ, ମନେକର ବର୍ଷେ ଭିତରେ ମଣିଷର କ୍ରିୟାକଳାପ ଯୋଗୁ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ରୂପରେ ଉତ୍ସର୍ଜିତ ସବୁଜକୋଠରୀ ବାଷ୍ପର ମୋଟ ମାତ୍ରା।

ତାରା:  ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ସାଧାରଣତଃ ସମ ପରିମାଣର ଅଙ୍ଗାରକାମ୍ଳ ଅନୁସାରେ ଦର୍ଶାଯାଇଥାଏ। ସେଥିପାଇଁ ଆମେ ଏହାକୁ ଅଙ୍ଗାର ଫୁଟପ୍ରିଣ୍ଟ ବି କହିପାରିବା।

ଅର୍ଣ୍ଣବ:  ତା ମାନେ ଆମେ ନିଶ୍ୱାସରେ ଯେଉଁ ଅଙ୍ଗାରକାମ୍ଳ ଛାଡୁଛେ ତା ବି!!

ଜେଜେ:  ଆରେ ଅର୍ଣ୍ଣବ, ଆମେ ଯେତେବେଳେ ଅଙ୍ଗାର କହୁଛେସ ସେତେବେଳେ

ଅନ୍ୟ ସବୁ ସବୁଜକୋଠରୀ ବାଷ୍ପ ବି ସେଥିରେ ରହିଛନ୍ତି। ଏସବୁ ବିଶ୍ୱର ତାପମାତ୍ରା ବଢ଼ାଉଛନ୍ତି। ଆଉ ସେମାନଙ୍କ ପ୍ରଭାବକୁ ବର୍ଣ୍ଣନା କରିବାର ଏକ କାବ୍ୟିକ ଉପାୟ ହେଉଠି ଫୁଟପ୍ରିଣ୍ଟ। ଅଙ୍ଗାର ଫୁଟପ୍ରିଣ୍ଟ କମ୍ କରିବା ଅର୍ଥ ହେଉଛି ନିଜର ନିତିଦିନିଆ କ୍ରିୟାକଳାପରୁ ଉତ୍ସର୍ଜିତ ହେଉଥିବା ଅଙ୍ଗାରକାମ୍ଳର ମାତ୍ରା କମ୍ କରିବା। ତେଣୁ ଅଙ୍ଗାର ଫୁଟପ୍ରିଣାଟ କମ୍ କରିବା ପାଇଁ ନିଶ୍ୱାସ ନେବା ବନ୍ଦ କରିବା ଦରକାର ନାହିଁ। ବୁଝିଲୁ। (ସମସ୍ତେ ହସୁଛନ୍ତି)

ସୂର୍ଯ୍ୟ: ଏଠି ଖୋଲା ଆକାଶ ତଳେ କେତେ ବଢ଼ିଆ ଲାଗୁଛି। କିନ୍ତୁ ଆସିଲା ବେଳେ ଆମେ ଦେଖିଲୁ ଯେ କେତେ ଗଛ କଟା ହୋଇଛି।

ଜେଜେ: ହଁ ଆମ ଫାର୍ମହାଉସ ପଛରେ ଥିବା ତୋଟା ବିକ୍ରି ହୋଇଯାଇଛି। ନୂଆ ମାଲିକ ଗଛ କାଟିଦେଲେ। ଶୁଣିଛି, ଏଠି ସିମେଣ୍ଟ କାରଖାନା ବସେଇବେ। ଏଇଟା ଠିକ କଥା ଯେ ଏଇ ସିମେଣ୍ଟ କାରଖାନା ଆଉ ସେଛି ଥିବା ଷ୍ଟିଲ କାରଖା। ଆମର ଦ୍ରୁତ ବିକଶିତ ଅର୍ଥ ବ୍ୟବସ୍ଥାରେ ସାହାଯ୍ୟ କରିବ। ଅଧିକରୁ ଅଧିକ କୋଠାବାଡ଼ି, ଉଦ୍ୟୋଗ ଆହୁରି ଉଦ୍ୟୋଗ, ଅଧିକରୁ ଅଧିକ ବିକାଶ।

ତାରା: ଏଇଆ ହିଁ ତ ଦୁଃଖ। ଆମେ ଯେଭଳି ଉନ୍ନତି କରି ବିଶ୍ୱର ଆର୍ଥିକ ବ୍ୟବସ୍ଥାରେ ଆମର ଭାଗୀଦାରୀ ଦେଉଛେ, ସେହିଭଳି ପ୍ରକୃତିକୁ ବି ପ୍ରଭାବିତ କରୁଛେ। ଉଦାହରଣ ସ୍ୱରୂପ, ଜଙ୍ଗଲ କଟା। ନୂଆ ଉଦ୍ୟୋଗ ପାଇଁ ଆମକୁ ଜଙ୍ଗଲ କାଟିବାକୁ ହେଉଛି। କିନ୍ତୁ ଗଛ କଟା ହେବା ଯୋଗୁ ଅଙ୍ଗାର ଉତ୍ସର୍ଜନ ବଢୁଛି। ଭବିଷ୍ୟତରେ ଏହା ବିଶ୍ୱ ଜଳବାୟୁ ଉପରେ ବହୁତ ପ୍ରଭାବ ପକାଇବ।

ସୂର୍ଯ୍ୟ: କିଛି ଲୋକଙ୍କ ମତରେ, ଚାଷ କରିବା ପାଇଁ ମାଟି ସଫା କରାଯାଉଛି। ଅବଶ୍ୟ ଚାଷ କରାଯାଉଥିବା ଫସଲ ବି ଅଙ୍ଗାର ସିଙ୍କ୍ ଭଳି କାମ କରେ, କିନ୍ତୁ ଜଙ୍ଗଲ ଭଳି ଏତେ ପ୍ରଭାବଶାଳୀ ନୁହେଁ।

ଜେଜେ: ଲୁହା ଷ୍ଟିଲ ଏବଂ ସିମେଣ୍ଟ ଉତ୍ପାଦନ ଔଦ୍ୟୋଗିକ ବିକାଶର ମେରୁଦଣ୍ଡ ଭଳି। କିନ୍ତୁ ଏଥିରୁ ସବୁଠାରୁ ଅଧିକ ଉତ୍ସର୍ଜିତ ହୋଇଥାଏ। ଏସବୁ ଉଦ୍ୟୋଗରେ କଞ୍ଚାମାଲକୁ ଉତ୍ପାଦରେ ବଦଳାଇବା ପାଇଁ ପ୍ରଚୁର ମାତ୍ରାରେ ତାପ ଶକ୍ତି ଖର୍ଚ୍ଚ ହୁଏ। ତାହେଲେ ତମେମାନେ ନିଜେ ଅନୁମାନ କର ଯେ କେତେ ପରିମାଣର ଖଣିଜ ଇନ୍ଧନ ଜଳାଯାଉଥିବ।

ସୂର୍ଯ୍ୟ: କେବଳ ଖଣିଜ ଇନ୍ଧନ ଜଳେଇବା କଥା ନୁହେଁ। ଷ୍ଟିଲ ତିଆରି କରିବା ପାଇଁ ଲୁହାକୁ ତରଳାଇ ପରିଷ୍କାର କରାଯାଏ। ଏହି ପ୍ରକ୍ରିୟାରେ ବହୁତ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ବାହାରେ। ପ୍ରତି ଏକ ଟନ୍ ଷ୍ଟିଲ ଉତ୍ପାଦନ ସମୟରେ ପ୍ରାୟ ୧.୯ ଟନ୍ ଅଙ୍ଗାରକାମ୍ଳ ଉତ୍ସର୍ଜିତ ହୋଇଥାଏ।

ତାରା: ଅଙ୍ଗାରକାମ୍ଳ ଉତ୍ସର୍ଜନରେ ସିମେଣ୍ଟ କାରଖାନାର ସ୍ଥାନ ତୃତୀୟରେ। ପରିବହନ ଏବଂ ଶକ୍ତି ଉତ୍ପାଦନ କେନ୍ଦ୍ର ପରେ ସିମେଣ୍ଟ କାରଖାନାର ସ୍ଥାନ। ଏ ବି ଦୁଇ ପ୍ରକାରରେ ଅଙ୍ଗାରକାମ୍ଳ ସୃଷ୍ଟି କରେ, ପ୍ରଥମ ଆବଶ୍ୟକ ତାପ ଉତ୍ପନ୍ନ କରିବା ପାଇଁ କୋଇଲା ଜାଳିବା ସମୟରେ ଉପଜାତ ପଦାର୍ଥ ରୂପରେ। ଦ୍ୱିତୀୟ, ସିମେଣ୍ଟ ମୁଣ୍ଡା ତିଆରି ପ୍ରକ୍ରିୟାରେ କାଲସିଅମ କାର୍ବୋନେଟର ବିଘଟନ ସମୟରେ।

ସୂର୍ଯ୍ୟ: ହଁ ଏକ ଟନ ସିମେଣ୍ଟ ତିଆରି କରିବାରେ ୭୮୦ କିଲୋଗ୍ରାମ ଅଙ୍ଗାରକାମ୍ଳ ସୃଷ୍ଟି ହୁଏ।

ଜେଜୀ: ସାରା ଦୁନିଆରେ ତ ଯେତେ ସିମେଣ୍ଟ ବ୍ୟବହାର ହୁଏ, ତାକୁ ଦେଖିଲେ ତ ଏହା କିଛି ସାଧାରଣ କଥା ନୁହେଁ।

ଅର୍ଣ୍ଣବ: ତଥାପି, କ'ଣ ବିଜୁଳି ବିନା, ଷ୍ଟିଲ, ସିମେଣ୍ଟ ବିନା ଆମେ ଉନ୍ନତି କରିପାରିବା? ବିଜୁଳି ବିନା ତ ମୁଁ ଜୀବନ କଳ୍ପନା ବି କରିପାରିବି ନାହିଁ।

ସୂର୍ଯ୍ୟ: ବାସ୍ତବରେ ଏସବୁ ଆମର ପରିବର୍ତ୍ତିତ ଜୀବନଶୈଳୀ, ଆମର ପ୍ରଗତି ଏବଂ ବିଶ୍ୱ ଜନସଂଖ୍ୟା ବିସ୍ଫୋରଣର ଫଳ। ଆମେ କୋଇଲା, ଖଣିଜ ତେଲ, ପ୍ରାକୃତିକ ବାଷ୍ପ ଆଦି ଜାଳିବା ଦ୍ୱାରା ମୋଟ ଅଙ୍ଗାରକାମ୍ଳ ଉତ୍ସର୍ଜନର ଶତକଡ଼ା ୮୫ ଭାଗ ସୃଷ୍ଟି ହୋଇଥାଏ। ସେଥିପାଇଁ ବିକାଶର କିଛି ନିରନ୍ତର ପ୍ରକ୍ରିୟା ବିକଶିତ କରିବା ବହୁତ ଜରୁରୀ।

ଜେଜୀ: ହଁ ଏବେ ସହରରେ ଦେଖ, ଖାଲି ସହର କାହିଁକି ବସ୍ତି ଗାଁରେ ବି ପେଟ୍ରୋଲ ଡିଜେଲ ଚାଳିତ ଗାଡ଼ି ବହୁତ। କିନ୍ତୁ ଯେତେବେଳେ ଆମେ ଗାଡ଼ିର ନିର୍ଗମନଳୀ ଦେଇ ବାହାରୁଥିବା ଉତ୍ସର୍ଜନ ଆଦି ବିଷୟରେ କଥା ହୁଏ, ଆମେ ସେ ଉତ୍ସର୍ଜନ ବିଷୟରେ ଭୁଲିଯାଏ ଯାହା ପୃଥିବୀ ଗର୍ଭରୁ ତେଲ ବାହାର କରିବା ସମୟରେ ବା ପରେ ବାହାରିଥାଏ।

ସୂର୍ଯ୍ୟ: ଆଉ ବି ତେଲ ଲିକ୍ କରିବା, ତାକୁ ଇନ୍ଧନ ରୂପରେ ପରିଷ୍କାର କରିବା ଏବଂ ପେଟ୍ରୋଲ ପମ୍ପ ଯାଏଁ ପହଞ୍ଚାଇବାରେ ହେଉଥିବା ଉତ୍ସର୍ଜନକୁ ଭୁଲିବାନାହିଁ। ତା ଛଡ଼ା କାର୍ ତିଆରି, ତା'ର ରକ୍ଷଣାବେକ୍ଷଣ, କାର୍‌ର ଅନ୍ୟ ଅଂଶ ତିଆରି ଏବଂ ଦୋକାନ ଯାଏଁ ପହଞ୍ଚାଇବାରେ ହେଉଥିବା ଉତ୍ସର୍ଜନକୁ ମିଶାଇବା।

ତାରା: ଅନେକ ସମୟରେ ଗୋଟିଏ ପରିବାର ପାଖରେ ଏକାଧିକ କାର୍ ଥାଏ। ଆମ ପାଖରେ ବି ତ ଦୁଇଟି ଅଛି। ମୋର ଗୋଟେ, ସୂର୍ଯ୍ୟଙ୍କର ଗୋଟେ। ଅର୍ଣ୍ଣବ ବି ୧୮ ବର୍ଷର ହେଇଗଲେ କାର୍ ମାଗିବ। ଆମର ଆବଶ୍ୟକତା ବଢ଼ି ବଢ଼ି ଯାଉଛି। ତା ସହିତ ଉତ୍ସର୍ଜନ।

ଅର୍ଣ୍ଣବ: ସତରେ!! ମତେ ୧୮ ବର୍ଷ ହେଇଗଲେ ତମେ ମତେ କାର୍ ଦବ? ୟା ହୁ!! (ସମସ୍ତେ ହସୁଛନ୍ତି) ଜେଜେ, ମୁଁ ଭାବୁନି ଯେ ୧୮ତମ ଜନ୍ମଦିନରେ ଗାଁର ସବୁ ପିଲାଙ୍କୁ କାର୍ ମିଳୁଥିବ। ସେଥିପାଇଁ ଏଠି ଉତ୍ସର୍ଜନର ମାତ୍ରା କମ୍ ଥିବ।

ଜେଜେ: ହୁଁ... ବାବୁରେ, ସତକଥା ହେଉଛି ଧାନଚାଷ ଆଉ ପଶୁପାଳନ ଯୋଗୁ ଆମେ ଗାଁଲୋକ ବି ପ୍ରଦୂଷଣ ପାଇଁ କିଛି ପରିମାଣରେ ଦାୟୀ। ଗାଈ, ମଇଁଷି, ଛେଳି, ମେଣ୍ଢା, ଓଟ, ଘୁଷୁରୀ ଆଉ ଘୋଡ଼ା ଭଳି ପୋଷା ଜୀବମାନେ ମିଥେନ ବାଷ୍ପ ଉତ୍ସର୍ଜିତ କରନ୍ତି।

ଅର୍ଣ୍ଣବ: ମିଥେନ କ'ଣ ସବୁଜକୋଠରୀ ବାଷ୍ପ?

ସୂର୍ଯ୍ୟ: କେଜାଣି ମୁଁ ଜାଣିନାହିଁ। ମିଥେନ କେମିତି ଉତ୍ସର୍ଜିତ କରନ୍ତି?

ଜେଜେ: ମୁଁ ବୁଝେଇ ଦେଉଛି। ଏସବୁ ଗୋଟିଏ ପ୍ରକାରର ପାଚନ କ୍ରିୟାର ଦାନ। ଗୋଟିଏ ପ୍ରକାରର ବୀଜାଣୁ ଦ୍ୱାରା ପଶୁର ଅନ୍ତନାଳୀରେ କିଣ୍ୱନ ପ୍ରକ୍ରିୟା ଯୋଗୁ ମିଥେନ ବାଷ୍ପ ଉତ୍ସର୍ଜିତ ହୋଇଥାଏ।

ଅର୍ଣ୍ଣବ: ଆଉ ତମେ ତ ଧାନକ୍ଷେତ କଥା ବି କହିଥିଲ। ସେଥିରୁ କେମିତି ପୁଣି ଉତ୍ସର୍ଜିତ ହେବ? ଧାନ ତ କିଛି ଖାଉନାହିଁ। ସେଠି ପୁଣି ବାଷ୍ପ କେମିତି ସୃଷ୍ଟି ହେଉଥିବ? (ସମସ୍ତେ ହସୁଛନ୍ତି)

ଜେଜେ: ମଣିଷକୃତ କ୍ରିୟାକଳାପ ଯୋଗୁ ଉତ୍ସର୍ଜିତ ମିଥେନର ପ୍ରାୟ ଏକ ପଞ୍ଚମାଂଶ ଭାଗ ଧାନକ୍ଷେତରୁ ଆସିଥାଏ ବୋଲି ଧରାଯାଏ। କାରଣ ପାଣିରେ ଭରା ଧାନ କ୍ଷେତରେ ମୃତ ଜୈବିକ ପଦାର୍ଥର ବିଘଟନ ହୁଏ ଏବଂ ମିଥେନ ସୃଷ୍ଟି ହୁଏ।

ତାରା: ସାର ଉଦ୍ୟୋଗ ଏବଂ ରେଫ୍ରେଜେରେସନ୍‌ରେ ପ୍ରଚୁର ପରିମାଣର ସବୁଜକୋଠରୀ ବାଷ୍ପ ବାହାରେ। ଏହି କ୍ଷେତ୍ରରେ ଯବକ୍ଷାରଜାନ ସାରରେ କ୍ରିୟା କରୁଥିବା ବୀଜାଣୁ ବହୁତ ପରିମାଣର ଦାୟୀ। ହିସାବରୁ ଜଣାଯାଏ ଯେ ପ୍ରତି ଶହେ କିଲୋଗ୍ରାମ ସାର ପାଇଁ ଅଣୁଜୀବ ପ୍ରାୟ ଏକ କିଲୋଗ୍ରାମ ସବୁଜକୋଠରୀ ବାଷ୍ପ ଉତ୍ସର୍ଜିତ କରନ୍ତି।

ଅର୍ଣ୍ଣବ: ତା ଅର୍ଥ ଶିଳ୍ପ ହେଉ ବା ସାର ସମସ୍ତେ ସବୁଜକୋଠରୀ ବାଷ୍ପ ଛାଡୁଛନ୍ତି।

ସୂର୍ଯ୍ୟ: ପରିବହନ ବି। ବିଶେଷ କରି ଉଡ଼ାଜାହାଜ। ପ୍ରଚୁର ପ୍ରାକୃତିକ ତେଲ ପିଉଥିବା ବଡ଼ କାର୍ ବି କମ୍ ଦୋଷୀ ନୁହେଁ। ହିସାବରୁ ଜଣାଯାଇଛି ଯେ ଛୁଟି ମାଟି ଉପର ଅପେକ୍ଷା ସମୁଦ୍ର ଯାତ୍ରାରେ କଟେଇଲେ ବାର ଗୁଣ ଅଧିକ ଅଙ୍ଗାରକାମ୍ଳ ଉତ୍ସର୍ଜିତ ହୁଏ।

ଅର୍ଣ୍ଣବ: ମୋ ସାଙ୍ଗ ଆକାଶ ତାଙ୍କ ନୂଆ ଏସୟୁଭି କାର୍‌ରେ ସମୁଦ୍ରକୂଳକୁ ଯିବେ। ତା ପରେ ସେମାନେ ସମୁଦ୍ରଯାତ୍ରା ବି କରିବେ। ତା ମାନେ ଅଙ୍ଗାର ଫୁଟପ୍ରିଣ୍ଟ ଆହୁରି ବଢ଼ିଯିବ। ତା ସହ ଦେଖାହେଲେ ତାକୁ କହିବି।

ଜେଜେ: ଭୁଲିଯା'ନି ଯେ ତୁ ଆଉ ମୁଁ ବି ସେଥିପାଇଁ ଦାୟୀ।

ଅର୍ଣ୍ଣବ: (ବ୍ୟସ୍ତ ହୋଇ) ମୁଁ ଏବେ କ'ଣ କଲି ଯେ? (ସମସ୍ତେ ହସୁଛନ୍ତି)

ସୂର୍ଯ୍ୟ: ଜେଜେଙ୍କ କହିବା କଥା ହେଉଛି, ପ୍ରତି ବ୍ୟକ୍ତିର ନିଜର ବ୍ୟକ୍ତିଗତ ପସନ୍ଦ ବି ଅଙ୍ଗାର ଫୁଟପ୍ରିଣ୍ଟକୁ ପ୍ରଭାବିତ କରେ। ଯେମିତିକି ତ ପଶ୍ଚିମବଙ୍ଗରେ ରହି ଦାର୍ଜିଲିଂର କମଳା ଖାଇଲେ ପରିବହନ ଜନିତ ଉତ୍ସର୍ଜନ କମ୍ ହେବ। କିନ୍ତୁ ଇଜିପ୍ଟରୁ ଜାହାଜ ଯୋଗେ କମଳା ଆସିଲେ ତ ଉତ୍ସର୍ଜନ ନିଶ୍ଚୟ ଅଧିକ ହେବ। ସେହିଭଳି ଦିଲ୍ଲୀରେ ରହି ହିମାଚଳ ପ୍ରଦେଶର ସେଓ ଅପେକ୍ଷା ବିଦେଶରୁ ଆସୁଥିବା ସେଓ ଖାଇଲେ ନିଶ୍ଚୟ ଉତ୍ସର୍ଜନ ଅଧିକ ହେବ।

ଜେଜେ: ଆଉ ସେଓ ବି ତାଜା ରହିବ। ଏଇ ନେ ତାଜା ଗରମ କ୍ଷୀର ପିଇ। ସିଧା ଆମ ଗାଈରୁ ଆସିଛି।

(କପ୍ ଆଉ ଚାମଚର ଶବ୍ଦ, ସମସ୍ତେ ହସୁଛନ୍ତି)

ଜେଜୀ: କଥା କେବଳ ଷ୍ଟିଲ ଉତ୍ପାଦନ, ଧାନ ବା କ୍ଷୀରରେ ସୀମିତ ନୁହେଁ। କୌଣସି ଜିନିଷବଳକା ସହିଗଲେ ସେଥିରୁ ହେଉଥିବା ଉତ୍ସର୍ଜନ ବିଷୟରେ କେହି କେବେ ଚିନ୍ତା କରିଛି? କିମ୍ବା କୌଣସି ଜିନିଷକୁ ବ୍ୟବହାର କରିବା ପରେ ଯାହା ବଳକା

ରହିଯାଏ ତା ବିଷୟରେ?

ତାରା: ମାନେ?

ଅର୍ଣ୍ଣବ: ଭାବୁଛି ଜେଜୀ ଅଳିଆ ବିଷୟରେ କହୁଛନ୍ତି।

ଜେଜୀ: ସାବାସ! ଅର୍ଣ୍ଣବ, ଅଳିଆ ପକା ହେଉଥିବା ଜାଗା କେବେ ଦେଖିଛୁ?

ଅର୍ଣ୍ଣବ: ହଁ ଜେଜୀ, ଭୁବନେଶ୍ୱର ସହର ଉପକଣ୍ଠରେ ଥିବା ଅଳିଆଗଦା ଦେଖିଛି। ଥରେ ଦିଲ୍ଲୀ ଯାଇଥିଲି ସେଠି ଗାଜୀପୁର ପାଖରେ ଥବା ଗଦା ଦେଖିଛି।

ଜେଜୀ: ଏଭଳି ଅଳିଆଗଦା ସବୁ ସହରରେ ଅଛି। ବଡ଼ ବଡ଼ ସହରରେ ଏକାଧିକ ଅଳିଆଗଦା ବି ଥାଏ। ଏବେ ଦେଖ, ଯେତେବେଳେ ଅଳିଆ ଗଦା କରାଯାଏ ବୀଜାଣୁ ସେଥିରେ କ୍ରିୟା ଆରମ୍ଭ କରେ। ସେଠି ଅଳ୍ପ ପରିମାଣର ଅମ୍ଳଜାନ ଥାଇପାରେ ନ ବି ଥାଇପାରେ। ଏହାକୁ ଅବାୟବୀୟ ବା ଆନାରୋବିକ୍ ବିଘଟନ କୁହାଯାଏ।

ତାରା: ହଁ ଏହି ପ୍ରକ୍ରିୟା ମିଥେନ ସହ କିଛି ଅଙ୍ଗାରକାମ୍ଳ ବି ଉତ୍ସର୍ଜିତ କରେ। ମିଥେନ ମାଟି ସ୍ତରକୁ ଯାଇ ପହଞ୍ଚେ, ତା'ପରେ ମୁକ୍ତ ହୋଇ ବାୟୁମଣ୍ଡଳରେ ମିଶିଯାଏ।

ଅର୍ଣ୍ଣବ: ମା, ମଣିଷର କ୍ରିୟାକଳାପ ଯୋଗୁ ହିଁ ଏଭଳି ସବୁଜକୋଠରୀ ବାଷ୍ପ ଉତ୍ସର୍ଜିତ ହେଉଛି। ପ୍ରକୃତରେ ଏସବୁ ହିଁ ପୃଥିବୀକୁ ସବୁଜକୋଠରୀରେ ପରିଣତ କରୁଛି।

ତାରା: ନା। କିଛି ପ୍ରାକୃତିକ କାରଣ ବି ଅଛି। ଯେଭଳି ଆଗ୍ନେୟଗିରି ଉଦ୍‌ଗୀରଣ ହେବା, ଘାସପଡ଼ିଆ ଅଧିକାଂଶ ଅଙ୍ଗାରକାମ୍ଳକୁ ତଳ ସ୍ତରରେ ବାନ୍ଧି ରଖେ। କିନ୍ତୁ ଜଙ୍ଗଲର ଗଛ ଅଧିକାଂଶ ଅଙ୍ଗାରକାମ୍ଳକୁ ଗଛର ଗଣ୍ଡି ଆଉ ପତ୍ରରେ ଧରି ରଖେ। ଜଙ୍ଗଲରେ ନିଆଁ ଲାଗିଗଲେ ଏସବୁ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ

ଫେରିଯାଏ। କିନ୍ତୁ ଘାସ ଜଳିଲେ ତଳସ୍ତରରେ ଥିବା ଅଙ୍ଗାରକାମ୍ଳ ମାଟି ଏବଂ ଚେରରେ ରହିଯାଏ।

ସୂର୍ଯ୍ୟ: ଯାହା ବି ହେଉ, ଆମେ ଆମର ଦାୟିତ୍ୱ ଭୁଲିଯିବା ନାହିଁ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଗୋଟିଏ ଆନ୍ତଃସରକାରୀ ପ୍ୟାନେଲର ୧୩୦୦ ବୈଜ୍ଞାନିକ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଗତ ପଚାଶ ବର୍ଷର ଆମ କ୍ରିୟାକଳାପ ସବୁଜକୋଠରୀ ବାଷ୍ପ ଉତ୍ସର୍ଜିତ କରିବାରେ ଶତକଡ଼ା ୯୫ ଭାଗ ଦାୟୀ।

ଅର୍ଣ୍ଣବ: ମାତ୍ର ପଚାଶ ବର୍ଷ? ମା ଆଉ ବାପା, ତମେ ତ ଏହାଠାରୁ ସାନ। ତା ମାନେ ଗୋଟିଏ ପିଢ଼ିରୁ ବି କମ୍ ସମୟରେ ସନ୍ତୁଳନ ବିଗିଡ଼ିଗଲା।

ସୂର୍ଯ୍ୟ: ପ୍ରାକୃତିକ ସନ୍ତୁଳନରେ ଏଭଳି ପରିବର୍ତ୍ତନ ବାସ୍ତବରେ ଗୋଟିଏ ବିପଦଜନକ ସତ୍ୟ।

ଜେଜୀ: ଏବେ ସମୟ ଆସିଲାଣି ଯେ କେବଳ ସବୁ ଦେଶକୁ ନୁହେଁ, ପ୍ରତି ନାଗରିକକୁ ଏ ଦିଗରେ ଯଥାସମ୍ଭବ ସହଯୋଗ କରିବାକୁ ହେବ। ତାହେଲେ ଏ ସନ୍ତୁଳନ ପୁଣି ଥରେ ସଜାଡ଼ି ହୋଇଯିବ। ଆମେ ଏମିତି କରିପାରିବା କି ନାହିଁ, ତା ଉପରେ ଆମର ପୂରା ଅସ୍ତିତ୍ୱ ନିର୍ଭର କରୁଛି। ଅଙ୍ଗାର ଫୁଟପ୍ରିଣ୍ଟ କମାଇବା ଆମର ପ୍ରଥମ ରଣନୀତି ହେବା ଉଚିତ।

ଅର୍ଣ୍ଣବ: ଜେଜୀ, ଏ ତ ମୁଁ ବୁଝିଲି ଯେ ପରିବେଶ ଦିଗରେ ସରକାରଙ୍କୁ ଠିକ ନିଷ୍ପତ୍ତି ନେବା ଦରକାର। କିନ୍ତୁ ଜଣେ ବ୍ୟକ୍ତି ଭାବରେ, ବିଦ୍ୟାର୍ଥୀ ଭାବରେ ମୁଁ କ'ଣ କରିପାରିବି?

ଜେଜୀ: କାହିଁକି ନୁହେଁ? ସମସ୍ତେ କରିପାରିବେ। ଉଦାହରଣ ସ୍ୱରୂପ, ତୋ ବାପା ମା ଶକ୍ତିର ବ୍ୟବହାର କମେଇବା ଭଳି ଉପକରଣ କିଣି ଘରେ ଶକ୍ତି ସଂରକ୍ଷଣ

କରିପାରିବେ। ତମେ ସମସ୍ତେ ଗୋଟିଏ କୋଠରୀରେ ବସି ନିଜ ନିଜ କାମ କରିପାରିବ। ତାହେଲେ ଗୋଟିଏ ଆଲୁଅ ଗୋଟିଏ ଏସିରେ କାମ ଚଳିବ।

ଜେଜେ: ତୁ ପାଦରେ ଚାଲି ଚାଲି, ସାଇକେଲ ଚଲେଇ, ସର୍ବସାଧାରଣ ପରିବହନ ବ୍ୟବସ୍ଥା ବ୍ୟବହାର କରି ଯିବାଆସିବା କରିପାରିବୁ।କୌଣସି ମିଟିଂ ପାଇଁ ଉଡ଼ାଜାହାଜରେ ନ ଯାଇ ଫୋନ ବା ଭିଡିଓ କନ୍‌ଫରେନ୍‌ସ୍ କରି କାମ କରାଯାଇପାରିବ। ପ୍ରତିବର୍ଷ ଗୋଟିଏ ଆଟଲାଣ୍ଟିକ ଯାତ୍ରା କମ୍ କରି ୧୬୦୦ କିଲୋଗ୍ରାମ ଅଙ୍ଗାରକାମ୍ଳ ଉତ୍ସର୍ଜନ ଅଟକାଯାଇ ପାରିବ। ଗୋଟିଏ କାର୍ ବ୍ୟବହାର ନ କଲେ ୨୪୦୦ କିଲୋଗ୍ରାମ ଉତ୍ସର୍ଜନ କମ୍ କରିହେବ।

ସୂର୍ଯ୍ୟ: ଡ୍ରାୟର୍ ବଦଳରେ ସୂର୍ଯ୍ୟକିରଣରେ ଲୁଗା ଶୁଖାଇଲେ ବହୁତ ତଫାତ ଆସେ। ଦିନବେଳେ ଆଲୁଅ ଲଗାଇବା ବଦଳରେ ଝରକା ଖୋଲି ସୂର୍ଯ୍ୟ କିରଣ ବ୍ୟବହାର କରିପାରିବା।

ଅର୍ଣ୍ଣବ: ଜେଜୀ, ମୁଁ ତ ଏବେ ଛୋଟ ପିଲା। ମୁଁ କ'ଣ କରିପାରିବି?

ଜେଜୀ: ସ୍ଥାନୀୟ ପଦାର୍ଥ ଖାଇ ପରିବହନ କମ୍ କରିପାରିବୁ। ଜିନିଷକୁ ଏକାଧିକ ଥର ବ୍ୟବହାର କରିବୁ। ବ୍ୟବହାର ହେଉ ନ ଥିବା ସମୟରେ ବିଜୁଳି ପ୍ଲଗ୍ କାଢ଼ିଦେଇ, ଲିଫ୍ଟ ବ୍ୟବହାର ନ କରି ସିଡ଼ି ଚଢ଼ି ତୁ ଏଥିରେ ସହଯୋଗ କରିପାରିବୁ। ଛାତ ଉପରେ ଛୋଟ ବଗିଚା କରିପାରିବୁ। ଯେତେଦୂର ସମ୍ଭବ କାଗଜର ଉଭୟ ପାଖ ବ୍ୟବହାର କର। ଏହିଭଳି ଅନେକ ଛୋଟ ଛୋଟ କାମରେ ଆମେ ସହଯୋଗ କରିପାରିବା।

ଅର୍ଣ୍ଣବ: ତା ମାନେ ସରକାର ଆଉ ଦେଶ ବଡ଼ ବଡ଼ ପଦକ୍ଷେପ ନେବେ ଆଉ ଆମେ ଛୋଟପିଲାମାନେ ଏଭଳି ଛୋଟ ଛୋଟ କାମ କରି ଏଥିରେ ସହଯୋଗ କରିପାରିବୁ।

ଜେଜେ:  ଦେଶ ବାୟୁ, ଜଳ, ସୌର ଶକ୍ତି ଭଳି ବିକଳ୍ପ ଶକ୍ତି ଉତ୍ସ ଖୋଜିବ। ହୁଏତ ଉଚ୍ଚ ଅଙ୍ଗାର କୋଇଲାରୁ ନିମ୍ନ ଅଙ୍ଗାର ବାଷ୍ପ ବ୍ୟବହାର କରିପାରନ୍ତି। ଜୀବାଶ୍ମ ଇନ୍ଧନ ଜାଳିବା ସମୟରେ ଅଙ୍ଗାରକୁ ଶୋଷିନେବାର କାରିଗରୀ କୌଶଳ ବ୍ୟବହାର କରିବେ। ଆମେ ସାଧାରଣ ନାଗରିକ ଅଙ୍ଗାର ଫୁଟପ୍ରିଣ୍ଟ କମ୍ କରିବା ପାଇଁ ଯେତେ ସମ୍ଭବ ଚେଷ୍ଟା କରିବା।

ସମସ୍ତେ ଏକାଠି:  ସମସ୍ତେ ମିଶି ଆମେ ନିଶ୍ଚୟ କିଛି ପରିବର୍ତ୍ତନ ଆଣିବା।